# Visit of Foreign Secretary of UK to India (December 14-17, 2020)

December 14, 2020

## ବ୍ରିଟେନର ବୈଦେଶିକ ସଚିବଙ୍କ ଭାରତ ଗସ୍ତ (14-17 ଡିସେମ୍ବର 2020)

**ଡିସେମ୍ବର 14, 2020**

ବ୍ରିଟେନର ବୈଦେଶିକ, କମନୱେଲଥ ଏବଂ ବିକାଶ ବ୍ୟାପାର ରାଷ୍ଟ୍ର ସଚିବ ତଥା ସମ୍ମାନୀୟ ସାଂସଦ ଡୋମିନିକ ରାବ 14-17 ଡିସେମ୍ବର 2020 ଭାରତ ଗସ୍ତରେ ଆସିବେ।

2. ନୂଆଦିଲ୍ଲୀରେ ନିଜର ରହଣି କାଳରେ ଶ୍ରୀ ରାବ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ସୁବ୍ରମଣ୍ୟମ ଜୟଶଙ୍କରଙ୍କ ସହ 15 ଡିସେମ୍ବର 2020 ରେ ପାରସ୍ପରିକ ସ୍ୱାର୍ଥର ଦ୍ୱିପାକ୍ଷିକ, ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିବେ। ସେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭଡେକର ଏବଂ ଶିକ୍ଷା ମନ୍ତ୍ରୀ ଶ୍ରୀ ରମେଶ ପୋଖରିଆଲଙ୍କ ସହ ମଧ୍ୟ ବୈଠକ କରିବେ।

3. ଏହି ଗସ୍ତ କାଳରେ ଶ୍ରୀ ରାବ ବେଙ୍ଗାଲୁରୁ ଯାତ୍ରା କରିବେ ଯେଉଁଠାରେ ସେ 17 ଡିସେମ୍ବର 2020 ରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ।

4. 2004 ରୁ ଭାରତ ଓ ବ୍ରିଟେନ ମଧ୍ୟରେ ରଣନୀତିକ ଭାଗିଦାରୀ ନିୟମିତ ଉଚ୍ଚ ସ୍ତରୀୟ ଆଦାନପ୍ରଦାନ ଏବଂ ବିଭିନ୍ନ କ୍ଷେତ୍ରରେ ବୃଦ୍ଧି ପାଉଥିବା ସହଯୋଗ ଦ୍ୱାରା ଚିହ୍ନିତ ହୋଇଛି। ଶ୍ରୀ ରାବଙ୍କ ଗସ୍ତ ଦ୍ୱାରା ବାଣିଜ୍ୟ, ପ୍ରତିରକ୍ଷା, ଜଳବାୟୁ, ପ୍ରବାସନ ଏବଂ ଗତିଶୀଳତା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାଗିଦାରୀକୁ ଆହୁରି ମଜବୁତ କରିବା ପାଇଁ କୋଭିଡ ତଥା ବ୍ରେକ୍ସିଟ୍ ପରବର୍ତ୍ତୀ ସମୟରେ ବାଟ ଖୋଲିବ।

**ନୂଆଦିଲ୍ଲୀ**

**ଡିସେମ୍ବର 14, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.